# Akashvani, Sambalpur

## SAMBALPURI NEWS BULLETIN

### 22 July 2024- 6.47- 6.52 am.

*********************************************

ସଂସଦ୍‌ର ବଜେଟ୍ ଅଧିବେଶନ ଆର୍‌ଏନ୍‌ୟୁ / ସମ୍ବଲପୁର

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏଜନୁ ମୁଲ୍ ହେଉଛେ । ଇ ବଜେଟ୍ ଅଧିବେଶନ୍‌ଥି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ଲୋକ୍‌ସଭା ନ ଆଏବା ଗୁରୁବାର୍ ୨୫ ତାରିଖ୍ ଦିନ ୨୦୨୪-୨୫ ଆର୍ଥିକ୍ ବଛରର୍ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇଟା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୩ ନମ୍ବର୍ ପାଲି ସର୍‌କାର୍‌ର ପହେଲା ବଜେଟ୍ ହେବା ।

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସପ୍ତଦଶ ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏଜନୁ ମୁଲ୍ ହେଉଛେ । ଅଧିବେଶନ୍‌ର ପହେଲା ଦିନେ ଆଏଜ୍ ରାଜ୍ୟପାଲ୍

ରଘୁବର୍ ଦାସ ତାଙ୍କର୍ ଅଭିଭାଷଣ୍ ଦେବେ । ଆଏବା କାଏଲ୍ ଉପବାଚସ୍ପତି ପଦ ଲାଗି ନାମାଙ୍କନ୍ ଆର୍ ୨୪ ତାରିଖ୍ ଦିନ ନିର୍ବାଚନ ହେବା । ଆଏବା ୨୫ ତାରିଖ୍ ଦିନ ଅର୍ଥ ବିଭାଗ୍ର ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪-୨୫ ଆର୍ଥିକ୍ ବଛ୍ରର୍ ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନ୍ସଭା ନ ଉପସ୍ଥାପନ୍ କର୍ବେ । ବଜେଟ୍ ଅଧିବେଶନ୍କେ ସୁରୁଖୁରୁଥି ଚଲାବାର୍ ଲାଗି ଗଲାକାଏଲ୍ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସର୍ବଦଲୀୟ ବୈଠକ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି        ଆର୍ଏନ୍ୟୁ/ ସମ୍ବଲପୁର

ସପ୍ତଦଶ ବିଧାନ୍ସଭାର୍ ପହେଲା ଅଧିବେଶନ୍ ଆଏଜ୍ଠାନୁ ମୁଲ୍ ହେଉଥିବାର୍ନୁ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ନାଇଁ ହୁଏ । ଇ ବାବ୍ଦେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ଼ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ସ୍କୁଲ୍ ବସ୍‌ଥି ଅଗ୍ନି ନିରାପତା ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍କୁଲ୍ ବସ୍‌ଥି ଅଗ୍ନି ନିରାପତା ନିୟମ୍ ପାଲନ୍‌କେ ସୁନିର୍ଶ୍ଚିତ୍ କର୍‌ବାର୍ ଦିଗେ ରାଜ୍ୟ ପରିବହନ୍ ପ୍ରାଧିକରଣ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇଥି ଖିଲାପ୍ ହେଲେ ଖିଲାପ୍‌କାରୀଙ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍‌ବାର୍‌କେ ପରିବହନ୍ କମିଶନର୍ ଅମିତାଭ୍ ଠାକୁର୍ ସବୁ ଆଂଚଲିକ୍ ପରିବହନ୍ ଅଧିକାରୀମାନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଅଗ୍ନି ନିରାପତା ଠିକ୍‌କରି ପାଲନ୍ କରାଯାଉଛେ କି ନାଇଁ ସେ ବାବ୍‌ଦେ ଭିନ୍ ଭିନ୍ ସମିଆଥି ପଦକ୍ଷେପ୍ ନିଆଯାଉଥିବାର୍ ବେଲେ ଇଟାକେ ଆହୁରି ବ୍ୟାପକ୍ କର୍‌ବାର୍‌କେ ନିଷ୍ପତି ହେଇଛେ । ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ନିୟମିତ୍ ଭାବେ ଇତାର୍ ଯାଂଚ୍ କରାଯିବା । ଇ ଦିଗେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ୍ କର୍‌ବାର୍‌କେ ପରିବହନ୍ କମିଶନର୍‌ଙ୍କର୍ ତର୍‌ଫୁ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମେଟ୍ରିକ୍ ସପ୍ଲିମେଂଟରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ମେଟ୍ରିକ୍ ସପ୍ଲିମେଂଟରୀ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଉଛେ । ଇ ପରୀକ୍ଷା ଆଏବା ୩୧ ତାରିଖ୍‌ତକ୍ ଚାଲ୍‌ବା ବଲି ମାଧମିକ ଶିକ୍ଷା

ପରିଷଦ୍ ତର୍ଫୁ କୁହାଯାଇଛେ । ୯ ଶହ ୭୩ ଝନ୍ ଛାତ୍ରଛାତ୍ରୀଙ୍କର୍ ଲାଗି ୮୩ ଟା ସେଂଟର୍ କରାଯାଇଛେ । ପରୀକ୍ଷା ସଖାଲର୍ ୯ ବଜୁ ଆରମ୍ଭ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍‌ବା । ପହେଲା ଦିନ ଆଏଜ୍ ଓଡ଼ିଆ ମାତୃଭାଷା ପରୀକ୍ଷା ହେବା ।

ସ୍କୁଲ୍‌ରେ ଶିକ୍ଷା ସପ୍ତାହ ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ଶିକ୍ଷାନୀତି ୨୦୨୦ ର ୪ ନମ୍ବର୍ ବାର୍ଷିକ ଉତ୍ସବ୍ ଅବ୍‌ସରେ ଆଏଜ୍‌ଠାନୁ ସ୍କୁଲ୍‌ମାନ୍‌କେ ଶିକ୍ଷା ସପ୍ତାହ ପାଲନ୍ କରାଯିବା । ଇ ବାବ୍‌ଦେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ - ଓସେପା ତର୍ଫୁ ଶିକ୍ଷକ୍- ଶିକ୍ଷା ପ୍ରତିଷ୍ଠାନ୍‌କେ ଚିଠି ଲେଖାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍ଫୁ ଜାରି ହେଇଥିବା ବିଜ୍ଞପ୍ତି ଅନ୍‌ସାରେ ଆଏଜ୍‌ଠାନୁ ଇ ଦିବସ୍ ପାଲନ୍ କରାଯିବା । ଇଥି ସ୍ଥାନୀୟ ପ୍ରସଙ୍ଗ ଆର୍ ଇଟାକେ ଶ୍ରେଣୀଗୃହ ନ କେନ୍ତା ବେଭାର୍ କରିକରି ଶିକ୍ଷକ୍ ଶିକ୍ଷା ସାମଗ୍ରୀ ଆଧାରିତ୍ କରାଯିବା । ସେ ବାବ୍‌ଦେ ଶିକ୍ଷକ୍‌ମାନ୍‌କୁ ଉତ୍ସାହିତ୍ କରାଯିବା ।

ଶ୍ରାବଣ୍ ସୋମ୍‌ବାର୍ ବର୍‌ଗଡ଼୍ ସମ୍ବାଦଦାତା

ଆଏଜ୍ ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ଭକ୍ତମାନ୍‌କର୍ ଭିଡ୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍‌କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରୁଛନ୍ । ଇ ଅବ୍‌ସରେ ବର୍‌ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ନ ଭକ୍ତମାନେ ପୂଜା ଅର୍ଚ୍ଚନା କରୁଛନ୍ । ଜିଲ୍ଲାର୍ ଅଷ୍ଟଶମ୍ଭୁ ପୀଠ ଅତାବିରାର୍ ସରଣ୍ଡା ଆର୍ ସର୍ଣ୍ଡା, ବର୍‌ଗଡ୍‌ର ଗାଇସିମା ଆର୍ ଦେଗାଁ, ଭଟ୍‌ଲିର୍ ନୀଲ୍‌ଜୀ, ଅମ୍ବଭୋନାର୍ କେଦାର୍‌ନାଥ୍‌ଙ୍କୁ ଭକ୍ତମାନେ ପହପହନୁ ପାଏନ୍ ଚଢ଼େଇକରି  ଦର୍ଶନ୍ କରୁଛନ୍ । ସେନ୍ତା ପାଇକ୍‌ମାଲ୍‌ର ନୃସିଂହନାଥ ପୀଠ ନ କାଉଡ଼ିଆମାନ୍‌କର୍ ଭିଡ୍ ହେଇଛେ ।

କେନ୍‌ସର୍ ଯାଂଚ୍           ଆର୍‌ଏନ୍‌ୟୁ / ସମ୍ବଲପୁର

ବର୍‌ଗଡ୍ ଜିଲ୍ଲାର୍ ପଦମ୍‌ପୁର୍ ଠାନେ ମାହାଲିଆ କେନ୍‌ସର୍ ଯାଂଚ୍ ଶିବିର ହେଇଯାଇଛେ । ଇ  ଶିବିରଥି ୭୦ ଝନ୍‌କର୍ କେନ୍‌ସର୍ ଯାଂଚ୍ କରାଯାଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ-ପ୍ରତିଷ୍ଠା ଦିବସ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଉତ୍କଳ ବିଶ୍ୱବିଦ୍ୟାଳୟର୍ ପ୍ରାଣୀବିଜ୍ଞାନ୍, ବିଭାଗ୍‌ର ପ୍ରତିଷ୍ଠା ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଉତ୍ସବ୍‌ଥି ପୂର୍ବମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଯୋଗ୍ ଦେଇକରି ପ୍ରାଣୀବିଜ୍ଞାନ୍ ବିଭାଗ୍‌ର ଗୌରବ୍ ଅକ୍ଷୁର୍ଣ୍ଣ ରଖ୍‌ବାର୍‌କେ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସମାରୋହଥି ଯୋଗ୍ ଦେଇକରି ଇଟାକେ ଗୁଟେ ଉତ୍କର୍ଷ କେନ୍ଦ୍ର କର୍‌ବାର୍‌କେ ପ୍ରତିଶ୍ରୁତି ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଲଗାତାର୍ ୨ ଟା ଲଘୁଚାପ୍ ହେଇଥିବାର୍‌ନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଫେର୍‌ଘାଏ ସକ୍ରିୟ ହେଇଛେ । ଇତାର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇଛେ । ରାଏଜର୍ ଭିତ୍‌ରିଆ ଇଲାକା ଆର୍ ଛତିଶ୍‌ଗଡ଼୍ ଉପ୍‌ରେ ଗୁଟେ ଚିହ୍ନତ ଲଘୁଚାପ୍ କ୍ଷେତ୍ର ରହିଥିବାର୍‌ନୁ ଆଏବା ୩ ଦିନ୍‌ତକ୍

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇଥିବାର୍‌ନୁ ବର୍ଷା ଆଉ ତାର୍ ପଛର୍ ଥିତି ବାବ୍‌ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଗଲାକାଏଲ୍ ସମୀକ୍ଷା କରିଛନ୍ । ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ ଆର୍ ଅନୁଗୁଲ୍ ଜିଲ୍ଲା ସହେତେ ଆଉ କେତେଟା ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କୁ ସେ ଇ ବାବ୍‌ଦେ ରିପୋର୍ଟ ମାଗିଛନ୍ । ବର୍ଷାଥି କେତେ ସର୍‌କାରୀ ଆର୍ ଘରୋଇ ସମ୍ପତି ନୁକ୍‌ସାନ୍ ହେଇଛେ ତାର୍ ରିପୋର୍ଟ ଜଲ୍‌ଦି ଦେବାର୍‌କେ ସେ କହିଛନ୍ । ଯଦି କେନ୍‌ସି ଜାଗା ନ ନୁକ୍‌ସାନ୍ ହେଇଥିବାର୍ ନଜର୍‌ଥି ଆସୁଛେ ବେଲେ ବର୍ଷା ଛାଡ୍‌ଲାକି ସେ ଇଲାକାର୍ ଅଧିକାରୀମାନେ ସେନ୍‌କେ ଯାଇକରି ରିପୋର୍ଟ ଦେବାର୍‌କେ କୁହାଯାଇଛେ ।